# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 13th May – 2026

***********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍‌ରେ ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିପାଇଁ ନିଷ୍ପତ୍ତି ।
- ଉପଯୁକ୍ତ ଶିକ୍ଷା ପଦ୍ଧତି ଯୁବପିଢ଼ିଙ୍କ ମଧ୍ୟରେ ଦାୟିତ୍ୱବୋଧ ଓ ନାଗରିକ ଭାବନା ଜାଗ୍ରତ କରିଥାଏ; କହିଲେ ରାଜ୍ୟପାଳ ।
- ପୁରୀରୁ କୋରାପୁଟ୍‌କୁ ଖୁବ୍‌ଶୀଘ୍ର ଚଳାଚଳ କରିବ ନୂତନ ଏକ୍ସପ୍ରେସ୍ ଟ୍ରେନ୍ ।

ଏବଂ

- ସି.ବି.ଏସ୍.ଇ. ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ୮୫ ପ୍ରତିଶତରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ।

***Desk***

## କେନ୍ଦ୍ର କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ୨୦୨୬-୨୭ ବିପଣନ ଋତୁପାଇଁ ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିପାଇଁ ନିଷ୍ପତ୍ତି

ନିଆଯାଇଛି । ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଖରିଫ୍ ଋତୁରେ ଚାଷୀମାନଙ୍କଠାରୁ ୮୨୪ ଲକ୍ଷ ମେଟ୍ରିକ୍ ଟନ୍ ଫସଲ କିଣାଯିବ । ନିଷ୍ପତ୍ତି ଅନୁସାରେ ସୂର୍ଯ୍ୟମୁଖୀ ମଞ୍ଜି ପାଇଁ ସର୍ବାଧିକ ସହାୟକ ମୂଲ୍ୟ କୁଇଣ୍ଟାଲ୍ ପିଛା ୬୨୨ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାସହ କପା, ଗ୍ରେଡ୍-ଏ ଧାନ, ଯଅ, ବାଜରା, ହରଡ ଡାଲିର ମଧ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ପାଇଛି ।

***Voice (Baishnav)*** :.....

ଭୂପୃଷ୍ଠ କୋଇଲା ଏବଂ ଲିଗ୍‌ନାଇଟ୍ ଗ୍ୟାସିଫିକେସନ୍ ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ କ୍ୟାବିନେଟ୍ ୩୭ ହଜାର ୫୦୦ କୋଟି ଟଙ୍କାର ଏକ ଯୋଜନାକୁ ଅନୁମୋଦନ କରିଛନ୍ତି। ଯୋଜନା ଅନ୍ତର୍ଗତ ପ୍ରାୟ ୭୫ ନିୟୁତ ଟନ୍ କୋଇଲା ଏବଂ ଲିଗ୍‌ନାଇଟ୍ ଗ୍ୟାସିଫିକେସନ୍ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୩ ଲକ୍ଷ କୋଟି ଟଙ୍କା ନିବେଶ ହେବାର ଆଶା କରାଯାଉଛି।

***CMO***

# ତୈଳ ସଙ୍କଟ - ଗାଡ଼ି ବ୍ୟବହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଗସ୍ତ ସମୟରେ ସ୍ୱତନ୍ତ୍ର ସୁରକ୍ଷା ଗୋଷ୍ଠୀ-ଏସ୍‌ପିଜି ପ୍ରୋଟୋକଲ୍ ଅଧୀନରେ ସମସ୍ତ ଅତ୍ୟାବଶ୍ୟକ ସୁରକ୍ଷା ବ୍ୟବସ୍ଥାରେ ବ୍ୟବହୃତ ଯାନବାହନ ସଂଖ୍ୟା ହ୍ରାସ କରିଛନ୍ତି । ପଶ୍ଚିମ ଏସିଆ

ଯୁଦ୍ଧଜନିତ ପରିସ୍ଥିତି ଯୋଗୁଁ ପେଟ୍ରୋଲିୟମ୍‌ଜାତ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ ଏବଂ ପରିବେଶ ଅନୁକୂଳ ବିକଳ୍ପ ଆପଣାଇବା ପାଇଁ ୭ ସୂତ୍ରୀ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଇଲେକ୍‌ଟ୍ରିକ୍ ଚାଳିତ ଯାନବାହନ ବ୍ୟବହାର କରିବା ଲାଗି ଶ୍ରୀ ମୋଦୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ସୁରକ୍ଷା ବ୍ୟବସ୍ଥାରେ ଯାନବାହାନ ସଂଖ୍ୟା ୫୦ ପ୍ରତିଶତକୁ ହ୍ରାସ କରିଛନ୍ତି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ବ୍ୟକ୍ତିଗତ ସୁରକ୍ଷାପାଇଁ ଥିବା ଗାଡ଼ି ସଂଖ୍ୟା ହ୍ରାସ କରିଛନ୍ତି । ଏଥିସହ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନକୁ ଗୁରୁତ୍ୱ ଦେଇ ବ୍ୟକ୍ତିଗତ ଗାଡ଼ିର ବ୍ୟବହାର କମ୍ କରିବା ସହିତ ଅଧିକମାତ୍ରାରେ ସର୍ବସାଧାରଣ ପରିବହନ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ଆବଶ୍ୟକସ୍ଥଳେ ଗାଡ଼ିର ଅନାବଶ୍ୟକ ବ୍ୟବହାର, ସୁନା କିଣିବା, ବିଦେଶଗସ୍ତ କମ୍ କରିବାକୁ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି ।

***Desk***

## ରାଜ୍ୟପାଳ - ଶିକ୍ଷା

୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନପାଇଁ ଶିକ୍ଷା ପଦ୍ଧତିରେ ବ୍ୟାପକ ପରିବର୍ତ୍ତନ ନିତାନ୍ତ ଜରୁରୀ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି କହିଛନ୍ତି । ଭୁବନେଶ୍ୱରଠାରେ ଶିକ୍ଷା ଉତ୍କର୍ଷ ସମ୍ମିଳନୀ-

୨୦୨୬ରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଜାତୀୟ ଶିକ୍ଷାନୀତି-୨୦୨୦ ଅଧୀନରେ ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ପଞ୍ଚସଖା ଶିକ୍ଷାସେତୁ ଯୋଜନା, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ରାଜ୍ୟରେ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରୁଛି । ଶିକ୍ଷା କେବଳ ଶାସନର ସ୍ତର ନୁହେଁ, ଏହା ରାଷ୍ଟ୍ର ଗଠନର ମୂଳଦୁଆ ବୋଲି ରାଜ୍ୟପାଳ କହିଛନ୍ତି । ଉପଯୁକ୍ତ ଶିକ୍ଷାପଦ୍ଧତି ଯୁବପିଢ଼ିଙ୍କ ମଧ୍ୟରେ ନୂତନ ଚିନ୍ତାଧାରା, ଦାୟିତ୍ୱବୋଧ ନାଗରିକ ଭାବନା ଜାଗ୍ରତ କରିଥାଏ । ଏହା ଦାରିଦ୍ର୍ୟ, ଅସମାନତା, ସ୍ୱାସ୍ଥ୍ୟ ସଚେତନତା ଏବଂ ସୁଯୋଗପାଇଁ ନୂତନ ପଥ ପ୍ରଶସ୍ତ କରିବ । ଚଳିତ ଦଶନ୍ଧି ଜନସାଧାରଣଙ୍କ ସୃଜନଶୀଳତା, ଜ୍ଞାନ ଶିକ୍ଷାର ଗୁଣବତ୍ତାର ଯୁଗ ବୋଲି ରାଜ୍ୟପାଳ କହିଛନ୍ତି । ଏହି ଅବସରରେ ଶ୍ରୀ କମ୍ଭମ୍‌ପାଟି ରାଜ୍ୟବାସୀଙ୍କୁ ଇନ୍ଧନ ସଞ୍ଚୟ କରି ସରକାରଙ୍କୁ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି ।

***BBSR/R***

# ନୂତନ ଟ୍ରେନ୍

ପୁରୀରୁ କୋରାପୁଟକୁ ଖୁବ୍‌ଶୀଘ୍ର ଏକ ନୂଆ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ । ଟ୍ରେନ୍‌ଟି ପୁରୀରୁ ସମ୍ବଲପୁର ଦେଇ କୋରାପୁଟ ଯିବ । ସୋମବାର, ଗୁରୁବାର ଓ ଶନିବାର ଚାଲିବାକୁ ଥିବା ଏହି ଟ୍ରେନ୍ ୧୯ଟି ଷ୍ଟେସନ୍‌ରେ ରହିବ । ଏହି ନୂତନ ଟ୍ରେନ୍ ଚଳାଚଳପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି ।  ଟ୍ରେନ୍ ଚଳାଚଳ ଯୋଗୁଁ ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ରେଳ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବ ଏବଂ କୋରାପୁଟ ଓ ସମ୍ବଲପୁର ଅଞ୍ଚଳରୁ ଅଧିକ ତୀର୍ଥଯାତ୍ରୀ ପୁରୀକୁ ଆସିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Desk***

# ସି.ବି.ଏସ୍.ଇ. - ଦ୍ୱାଦଶ ପରୀକ୍ଷାଫଳ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ– ସି.ବି.ଏସ୍.ଇ. ଦ୍ୱାରା ପରିଚାଳିତ ଚଳିତ ବର୍ଷର ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଆଜି ପ୍ରକାଶ ପାଇଛି। ପରୀକ୍ଷାରେ ୮୫ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିଧରୁ ୮୮ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ରୀ କୃତକାର୍ଯ୍ୟ ହୋଇଥିବାବେଳେ ୮୫ ପ୍ରତିଶତରୁ ଉର୍ଦ୍ଧ୍ୱ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । results.cbse.nic.inରେ ପରୀକ୍ଷା ଫଳ ଉପଲବ୍ଧ ହେଉଛି। ଛାତ୍ରଛାତ୍ରୀମାନେ ଡିଜିଲକର ଓ ଉମଙ୍ଗ ଆପ୍ ଜରିଆରେ ମଧ୍ୟ ପରୀକ୍ଷା ଫଳ ଜାଣିପାରିବେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପରୀକ୍ଷା ଫଳ ନିର୍ବିଶେଷରେ ଛାତ୍ରଛାତ୍ରୀମାନେ ଦୃଢ଼ ଆତ୍ମବିଶ୍ୱାସର ସହ ପ୍ରତିଟି ଆହ୍ୱାନକୁ ସାମ୍ନା କରି

ଆଗକୁ ବଢ଼ିବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ପ୍ରତିଭାବାନ ଯୁବପିଢ଼ି ହିଁ ସମୃଦ୍ଧ ଓଡ଼ିଶାର ସାରଥୀ ହେବେ ବୋଲି ଶ୍ରୀ ମାଝି କହିଛନ୍ତି ।

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ– ସି.ଏଚ୍.ଏସ୍.ଇ. ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ଆସନ୍ତା ସପ୍ତାହରେ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମ ପରୀକ୍ଷାଫଳ ପ୍ରକାଶ ପାଇବ।

***IPR***

## ଇସ୍ରୋ

ବିଜ୍ଞାନ ଓ ପ୍ରଯୁକ୍ତ ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବେଙ୍ଗାଲୁରୁ ସ୍ଥିତ ୟୁ.ଆର୍. ରାଓ ସାଟେଲାଇଟ୍ ସେଣ୍ଟର ଏବଂ ଇସ୍ରୋ ସାଟେଲାଇଟ୍ ଇଣ୍ଟିଗ୍ରେସନ୍ ଆଣ୍ଡ ଏଷ୍ଟାବ୍ଲିଶ୍‌ମେଣ୍ଟ ପରିସରକୁ ବୁଲି ଦେଖିଛନ୍ତି । ମନ୍ତ୍ରୀ ଇସ୍ରୋର ବୈଜ୍ଞାନିକ ଓ ଅଧିକାରୀମାନଙ୍କ ସହ ଓଡ଼ିଶାରେ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା ତଦାରଖ ଏବଂ ପ୍ରାକୃତିକ ସମ୍ପଦର ସ୍ଥିତାବସ୍ଥାର ମାନଚିତ୍ର ପ୍ରସ୍ତୁତି କ୍ଷେତ୍ରରେ ଉପଗ୍ରହ ତଥ୍ୟ ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ ।  ମନ୍ତ୍ରୀ ଏହି ସମୟରେ ଭବିଷ୍ୟତରେ ଯୋଗାଯୋଗ ବ୍ୟବସ୍ଥା ନାଭିଗେସନ୍ ସାଟେଲାଇଟ୍‌ଗୁଡ଼ିକର ଜଟିଳ ସଂଯୋଗୀକରଣ ତଥା ନିରୀକ୍ଷଣ ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇଥିଲେ ।

*Desk*

# ଓ.ଟି.ଇ.ଟି.

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା - ଓ.ଟି.ଇ.ଟି. ଆସନ୍ତା ମାସ ୨୧ ତାରିଖରେ ଅନୁଷ୍ଠିତ ହେବ । ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପ୍ରଥମ ପତ୍ର ଏବଂ ଅପରାହ୍ଣ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଦ୍ୱିତୀୟ ପତ୍ର ପରୀକ୍ଷା ହେବ । ପରୀକ୍ଷାପାଇଁ ଆସନ୍ତା ମାସ ୯ ତାରିଖରୁ ବୋର୍ଡ଼ ୱେବ୍‌ସାଇଟଇ bseodisha.nic.inରୁ ପରୀକ୍ଷାର୍ଥୀମାନେ ଆଡ୍‌ମିଟ୍ କାର୍ଡ଼ ଡାଉନ୍‌ଲୋଡ୍ କରିବାପାଇଁ ବୋର୍ଡ଼ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି ।

*Keonjhar/R*

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ

କେନ୍ଦୁଝରରେ ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଏହି ବିବାହ କାର୍ଯ୍ୟକ୍ରମ ନାରୀ ସଶକ୍ତୀକରଣ ଓ ସାମାଜିକ ସୁରକ୍ଷାକୁ ଅଧିକ ଶକ୍ତିଶାଳୀ କରିବାରେ ଅଧିକ ସହାୟକ ହେବ । ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କ ବ୍ୟାଙ୍କ୍ ଖାତାରେ

୪୫ ହଜାର ଟଙ୍କା ଜମା କରାଯିବା ସହିତ ୬୦ ହଜାର ଟଙ୍କା ବ୍ୟୟରେ ଏହି ବିବାହ ସମ୍ପନ୍ନ କରାଯାଇଛି ।

***Sonepur/R***

## ସାଧନ କେନ୍ଦ୍ର

ସୁବର୍ଣ୍ଣପୁ ଜିଲ୍ଲାରେ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନୂତନ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରକୁ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ଉଦ୍‌ଘାଟନ କରିଛନ୍ତି । ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ଏହି କେନ୍ଦ୍ର ପଞ୍ଚାୟତ ସ୍ତରରେ ଉନ୍ନତିମୂଳକ କାର୍ଯ୍ୟକ୍ରମର ସଠିକ୍ ରୂପାୟନ ସହ ଲୋକମାନଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଓ ପ୍ରଶିକ୍ଷଣ ପ୍ରଦାନ କରିବ ।

***Deogarh/R***

## ବେଟି ବଚାଓ, ବେଟି ପଢ଼ାଓ

ଦେବଗଡ଼ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ “ବେଟି ବଚାଓ, ବେଟି ପଢ଼ାଓ” ଜିଲ୍ଲାସ୍ତରୀୟ ସମନ୍ୱୟ ସମୀକ୍ଷା ବୈଠକ ଜିଲ୍ଲାପାଳ

କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାଳିକାମାନଙ୍କ ସୁରକ୍ଷା ଓ ସେମାନଙ୍କୁ ସଶକ୍ତ କରିବାପାଇଁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ କାର୍ଯ୍ୟ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି ।

***Ganjam/R***

# ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

ଗଞ୍ଜାମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନଦୀବନ୍ଧ ଓ ସମୁଦ୍ର ତଟ ସୁଦୃଢ଼ୀକରଣ, ବନ୍ୟା ସମୟରେ ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତରଣପାଇଁ ବ୍ୟବସ୍ଥା, ଜଳ ନିଷ୍କାସନ, ପାନୀୟ ଜଳ ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା କରାଯାଇଥିଲା ।

***Deogarh/R***

# ଜିଲ୍ଲା ପରିଷଦ ବୈଠକ

ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦର ଦଶମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ, ଜିଲ୍ଲାପାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପ୍ରମୁଖ ଯୋଗଦେଇ ଜିଲ୍ଲାର ସାମଗ୍ରିକ ବିକାଶ ପ୍ରକ୍ରିୟାକୁ

ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିସହ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା ହୋଇଥିଲା ।

*Rayagada/R*

## ଜନଶୁଣାଣି

ରାୟଗଡ଼ା ବ୍ଲକ୍ ସଦ୍‌ଭାବନା ସଭାଗୃହ ପରିସରରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ବିଭିନ୍ନ ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

*Nayagarh/R*

## ପଟେଲ ଜୟନ୍ତୀ - ମାରାଥନ

ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ନୟାଗଡ଼ଠାରେ ସାଇକ୍ଲୋଥନ ଓ ମାରାଥନ ର୍‍ୟାଲି ଆୟୋଜନ କରାଯାଇଥିଲା । ଜିଲ୍ଲା ଷ୍ଟାଡିୟମରୁ ମାରାଥନ ଆରମ୍ଭ ହୋଇ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ

ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ ।

***Desk***

## ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସ୍ପଷ୍ଟ ଲଘୁଚାପ ଘନୀଭୂତ ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, କାଳବୈଶାଖୀଜନିତ ବର୍ଷା ଯୋଗୁଁ ରାଜ୍ୟରେ ତାପମାତ୍ରା ହ୍ରାସ ପାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ୨୪ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ଚଳିତ ସପ୍ତାହରେ ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପହଞ୍ଚିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଚଳିତ ସପ୍ତାହ ଶେଷଆଡ଼କୁ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଅଗ୍ରସର ହେବ ବୋଲି ଜଣାପଡ଼ିଛି ।

******